



# ଗଞ୍ଜାମର ୮୩ ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟିତ

**ଛତ୍ରପୁର,୧୬।୧୧(ଡି.ଏନ୍.ଏ.)**

୫-ଟି ହାଇସ୍କୁଲ ରୂପାନ୍ତରୀକରଣ ପ୍ରକଳ୍ପରେ ଗଞ୍ଜାମ ଜିଲାର ଆଉ ୮୩ଟି ରୂପାନ୍ତରିତ ହାଇସ୍କୁଲ ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟାରେ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସବୁକୁ ଉଦ୍‌ଘାଟନ କରିଛନ୍ତି। ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ପ୍ରଧାନଙ୍କ ସହ ମୁଖ୍ୟମନ୍ତ୍ରୀ ଭିସିରେ କଥା ହୋଇଥିଲେ। ସ୍କୁଲ ରୂପାନ୍ତରୀକରଣ ଯୋଗୁ କେବଳ ସ୍କୁଲ ଭିତ୍ତିଭୂମି ନୁହେଁ ପରିବେଶରେ ମଧ ପରିବର୍ତ୍ତନ ହୋଇଛି ବୋଲି ଛାତ୍ରୀ ଜଣଙ୍କ କହିଥିଲେ । ଭବିଷ୍ୟତରେ କ'ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ପଚାରିବାରୁ ଡାକ୍ତର ହେବି ବୋଲି ସେ କହିଥିଲେ। ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଢ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି ଯୋଗୁ ନୂତନ ଓଡିଶା ଗଠନରେ ଏହି ସମ୍ବଳ ସକ୍ଷମ ହେବ ବୋଲି କହିଥିଲେ। ଭିଡିଓ କନଫରେନ୍ସରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଜିଲାପରିଷଦ ଅଧକ୍ଷା ସୋନମ ପଲେଇ, ବିଧାୟକ ସୁବାସ ଚନ୍ଦ୍ର ବେହେରା, ଶ୍ରୀକାନ୍ତ ସାହୁ, ବିକ୍ରମ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ଲତିକା ପ୍ରଧାନଙ୍କ ସମେତ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ

**ପୁରୁଷୋତ୍ତମପୁର, ୧୬।୧୧ (ଡି.ଏନ.ଏ):** ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାରପତି ଦିଲୀପ କୁମାର ବାରିକ ୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ହେଲେ ପୁରୁଷୋତ୍ତମପୁର ଥାନା ହନ୍ତସ ଗ୍ରାମର ସୀମାଞ୍ଚଳ ନାହାକ। ୨୦୧୨ ଫେବୃୟାରୀ ୨୫ରେ ହନ୍ତସ ଗ୍ରାମରେ ହେମ ନାହାକ ନାମ୍ନୀ ବୃଦ୍ଧାଙ୍କୁ ଅଭିଯୁକ୍ତ ଗାଁ ଦାଣ୍ଡରେ ଆକ୍ରମଣ କରିଥିଲେ । ଏ ନେଇ ନଂ ୨୨୨/୧୨ ରେ ମାମଲା ହୋଇଥିଲା। ବିଚାରପତି ଅଭିଯୁକ୍ତଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଟଙ୍କା ଅନାଦେୟ ହେଲେ ଆହୁରି ଏକ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ କ୍ୟାଡର ଏପିପି ସତ୍ୟବ୍ରତ ମହାନ୍ତି ମାମଲା ପରିଚାଳନା କରିଥିଲେ।

### ବୃଦ୍ଧାଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

**ବୁଗୁଡା,୧୬।୧୧(ଡି.ଏନ.ଏ.):** ବୁଗୁଡ଼ା ଥାନା ବାଦୁଆ ଗ୍ରାମରେ ଜଣେ ବୃଦ୍ଧାଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଦୁଆ ଗ୍ରାମର ଶଙ୍କର ବେହେରା। ବାଦୁଆ ଗ୍ରାମର ସୁକାନ୍ତି ବେହେରା ଗତ ଶୁକ୍ରବାର ଘର ବାରଣ୍ଡାରେ ବସିଥିବା ବେଳେ ସେହି ଗାଁର ଲକ୍ଷ୍ମଣଙ୍କ ସ୍ତ୍ରୀ ବିଷ୍ଣୁ ଏବଂ ଦୁଇ ପୁଅ ଶଙ୍କର ଓ ତ୍ରିଲୋଚନ ଆସି ଗାଳିଗୁଲଜ କରି ମାଡ ମାରିଥିଲେ। ଏ ନେଇ ନଂ. ୬୦୦/୨୧ରେ ମାମଲା ରୁଜୁ କରି ପୋଲିସ ବାପା ଲକ୍ଷ୍ମଣ ଓ ପୁଅ ଶଙ୍କରକୁ ଥାନାରେ ଅଟକ ରଖିଥିଲା। ପରେ ଅଭିଯୁକ୍ତ ଶଙ୍କରକୁ କୋର୍ଟ ଚାଲାଣ କରାଯାଇଛି।

### ଯୁବକଙ୍କୁ ହତ୍ୟା

**ପୁରୁଷୋତ୍ତମପୁର, ୧୬।୧୧ (ଡି.ଏନ.ଏ.):** ପୁରୁଷୋତ୍ତମପୁର ଥାନା ବାସୁଦେବପୁର ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ମଙ୍ଗଳବାର ପୋଲିସରେ ଅଭିଯୋଗ ହୋଇଛି। ମୃତକ ହେଲେ କେଦାର କରଣ (୪୯)। ପୋଲିସ ମୃତଦେହ ଜବତ କରି ନଂ. ୫୭୮/୨୧ରେ ହତ୍ୟା ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି। ମୃତକଙ୍କ ପୁଅ ଲିପୁ କରଣ ପୋଲିସରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବାପା ସୋମବାର ଅରଖପୁର ଗ୍ରାମକୁ ଯାଇଥିବା ବେଳେ ବିଳମ୍ବିତ ରାତି ଯାଏ ଘରକୁ ଫେରି ନ ଥିଲେ। ଫଳରେ ସେ ଓ ଗ୍ରାମର କିଛି ବ୍ୟକ୍ତି ଖୋଜିଥିଲେ। ଏହି ସମୟରେ ରାସ୍ତାର ଦାମିଆ ଘାଇ ପୋଲ ନିକଟରେ ବାପା କେଦାରଙ୍କ ମୃତଦେହ ପଡିଥିବା ବେଳେ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଥିଲା।

### କ୍ୟାଡେଟ ଚୟନ ଶିବିର

**ଭଞ୍ଜନଗର,୧୬।୧୧(ଡି.ଏନ.ଏ)**-ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି ଆର୍ମି ଶାଖା ପକ୍ଷରୁ ମଙ୍ଗଳବାର ନୂତନ କ୍ୟାଡ଼େଟ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ଏନସିସି ଅଫିସରୁ ଆସିଥିବା ରାଜ କୁମାର ଦରଲାମି, ବିଜୟ ମଲ୍ଲ ନୂତନ କ୍ୟାଡ଼େଟ ଚୟନ କରିଥିଲେ। ତାଙ୍କୁ ଏନସିସି ଅଫିସର ଲେଫ୍ଟନାଣ୍ଟ ରଜନୀ କାନ୍ତ ତ୍ରିପାଠୀ ସହଯୋଗ କରିଥିଲେ। ବର୍ଷା ସତ୍ତ୍ୱେ ଶିବିରରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଶେଷରେ ଚଳିତ ବର୍ଷ ପାଇଁ ୩୫ଜଣ ନୂତନ କ୍ୟାଡ଼େଟ ଚୟନ କରାଯାଇଥିଲା ।

### ବାଇକ୍ ଧକ୍କାରେ ବୃଦ୍ଧ ମୃତ: ଅଭିଯୁକ୍ତ କୋର୍ଟ ଚାଲାଣ

**ଦିଗପହଣ୍ଡି,୧୬।୧୧(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ମଙ୍ଗଳବାର ପାଟପୁର ଥାନା ସାହାସପୁର ଗ୍ରାମର ତ୍ରିଲୋଚନ ରାଉଳଙ୍କୁ କୋର୍ଟକୁ ଚାଲାଣ କରିଛି। ଗତ ୯ରେ ଫାସିଗୁଡା ଗ୍ରାମ ବଡ ସାହି ନିକଟ ମୁଖ୍ୟରାସ୍ତାରେ ତ୍ରିଲୋଚନଙ୍କ ବାଇକ ଧକ୍କାରେ ଉଲା ପ୍ରଧାନ ନାମକ ଜଣେ ବୃଦ୍ଧ ଗୁରୁତର ହୋଇଥିଲେ। ବ୍ରହ୍ମପୁର ବଡ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଗଞ୍ଜେଇ ଚାଲାଣ, ରାଜପଥରେ ଡକାୟତି: ୬ ଗିରଫ

**ଆସିକା,୧୬।୧୧(ଡି.ଏନ.ଏ.)**



ଜବତ ଗଞ୍ଜେଇ ଓ ଗିରଫ ୪ ଅଭିଯୁକ୍ତ ।

**୪୫ କେଜି ଗଞ୍ଜେଇ, ୨ ବନ୍ଧୁକ, ଗୁଳି ଓ କାର ଜବତ**

ଆସିକା ଥାନା ଅଞ୍ଚଳରେ ସୋମବାର ପୃଥକ ସ୍ଥାନରେ ଗଞ୍ଜେଇ ଚାଲଣ ଓ ରାଜପଥରେ ଡକାୟତି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ନମ୍ବର ବିହୀନ କାର, ୪୫ କିଲୋ ଗଞ୍ଜେଇ, ୨ଟି ବନ୍ଧୁକ ଓ ୧୦ ରାଉଣ୍ଡ ଗୁଳି ଜବତ କରାଯାଇଥିବା ମଙ୍ଗଳବାର ଆସିକା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପ୍ରଦୀପ କୁମାର ସାମଲ ସୂଚନା ଦେଇଛନ୍ତି। ସେଠାରେ ଅନ୍ୟମାନଙ୍କ ମଧ୍ୟରେ ଆସିକା ଏସଡିପିଏ ଉମାଶଙ୍କର ସିଂ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ ।

ପୋଲିସ ସୂଚନା ଅନୁଯାୟୀ, ଆସିକା-ବୁଗୁଡା ରାସ୍ତାର ଚାରିମଇଲି ନିକଟରେ ପାଟ୍ରୋଲିଂ ଚାଲିଥିବା ବେଳେ ଆସିକା ପଟକୁ ଆସୁଥିବା ଏକ ନମ୍ବରବିହୀନ କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ୪୫୪ କେଜି ଗଞ୍ଜେଇ, ଗୋଟିଏ ବନ୍ଧୁକ ଓ ୫ ରାଉଣ୍ଡ ଗୁଳି ମିଳିଥିଲା। ଏହି ଘଟଣାରେ ଆସିକାର ସୁବାଶିସ ପୋଲାଇ, ଭଂଜନଗରର ମହମ୍ମଦ ଇବ୍ରାହିମ, କେଶବ ସାହାଣୀ ଓ ବେଲଗୁଣ୍ଠା ଥାନା ଧୁମଛାଇ ଗ୍ରାମର ସତ୍ୟନାରାୟଣ ଲେଙ୍କାକୁ ଗିରଫ କରାଯାଇଛି। ଅନ୍ୟଜଣେ ଫେରାର ଅଛନ୍ତି। ଆସିକା ଥାନାରେ ନଂ.୭୪୧/୨୧ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ସୋମବାର ରାତିରେ ଆସିକା-ଭଞ୍ଜନଗର ରାସ୍ତାରେ ପୋଲିସ ପାଟ୍ରୋଲିଂ ବେଳେ ବାଲିସିରା ନିକଟରେ ଡକାୟତି ପାଇଁ ଉଦ୍ୟମ ଚଲାଇଥିବା ୨ ଯୁବକଙ୍କୁ ପୋଲିସ ଗିରଫ କରିଥିଲା । ସେମାନେ ହେଲେ ଭଞ୍ଜନଗରର ସନ୍ତୋଷ କୁମାର ପାଢ଼ୀ ଓ ଅବଦୁଲ ଫୟାଦ ମହମ୍ମଦ। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ସହ ଗୁଳି ଜବତ ହୋଇଛି । ଏ ନେଇ ଆସିକା ଥାନାରେ ନଂ.୭୪୨/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

## ଟେଣ୍ଡର ପ୍ରକ୍ରିୟାକୁ ନେଇ ଏସ୍‌ଏଚ୍‌ଜିର ଧାରଣା

**ଗୋପାଳପୁର,୧୬।୧୧(ଡି.ଏନ.ଏ.)**

ଗୋପାଳପୁର ବିଜ୍ଞାପିତ ଅଞ୍ଚଳରେ ପାର୍କିଂ ଓ ଶୌଚାଳୟ ଲିଜ୍‌କୁ ନେଇ ମଙ୍ଗଳବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନେ ଧାରଣାରେ ବେଇଥିଲେ। ପୋଲିସ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ କଲେକ୍ସନ୍ ଅଫ୍ ବିଟ୍ ପାର୍କିଂ ଫି, କଲେକ୍ସନ ଅଫ୍ ଡେଲି ମାର୍କେଟ ଫି, ଲିଜ୍ ଅଫ୍ ଫେରିଗାଟ୍, ଲିଜ୍ ଅଫ୍ ବେକ୍ ୱାଟର ଫିସିଙ୍ଗ, ଶିଶୁ ଉଦ୍ୟାନ ନିକଟରେ ଥିବା ଶୌଚାଳୟ ଓ ବସଷ୍ଟାଣ୍ଡ ନିକଟରେ ଥିବା ଶୌଚାଳୟକୁ ମଙ୍ଗଳବାର ଟେଣ୍ଡର ଖୋଲାଯାଇଥିଲା। ଏଥିରେ କଲେକ୍ସନ୍ ଅଫ୍ ବିଟ୍ ପାର୍କିଂ ଓ ଶିଶୁ ଉଦ୍ୟାନ ନିକଟରେ ଥିବା ଶୌଚାଳୟ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଦୁଇଜଣ ଲେଖାଏ ଟେଣ୍ଡର ପକାଇଥିଲେ। ଅପରପକ୍ଷରେ ଅନ୍ୟ ୪ ନିମନ୍ତେ କେହି ହେଲେ ଅଂଶଗ୍ରହଣ କରିନଥିଲେ। ଭାଗ ନେଇଥିବା ଟେଣ୍ଡରରେ ଉକ୍ତ ଦୁଇ ସ୍ୱୟଂ ସହାୟିକା ଗୋଷ୍ଠୀର ଠିକ୍ ଡକ୍ୟୁମେଣ୍ଟ ନଥିବା ନେଇ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ କୁହାଯାଇଥିଲା। ହେଲେ ମଧ ପରବର୍ତ୍ତୀ ସମୟରେ ସେମାନେ ସଠିକ୍ ଡକ୍ୟୁମେଣ୍ଟ ଦେଇପାରିଥିଲେ। ଏଥିସହ ବ୍ୟାଙ୍କ ସିକ୍ୟୁରିଟି ପାଇଁ କୁହାଯାଇଥିଲେ ମଧ ତାହା ମଧ ଦେଇପାରିନଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଦୁଇଟି ଟେଣ୍ଡର ନାକଚ ହୋଇଯାଇଥିଲା। ଫଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଆମକୁ ଟେଣ୍ଡର ଦିଆଯାଉ ବୋଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ପ୍ରଭାକର କୁଜୁରଙ୍କ ଠାରେ ଦାବି କରିଥିଲେ। ସଠିକ୍ ଡକ୍ୟୁମେଣ୍ଟ ନଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଟେଣ୍ଡର ଦିଆଯାଇପାରିବ ନାହିଁ ବୋଲି ମନା କରିଥିଲେ। ଫଳରେ ସଦସ୍ୟାମାନେ ନିଜ ଜିଦ୍‌ରେ ଅଟଳ ରହି ଏନ୍‌ଏସି କର୍ମଚାରୀଙ୍କୁ ଛାଡ଼ି ନଥିଲେ। ଏଥିସହ ସଦସ୍ୟାମାନେ ଆମକୁ ଲିଖିତ ଭାବେ ଫିଜ୍ ଆଦାୟ କରିବା ପାଇଁ ଟେଣ୍ଡର ଦିଆଯାଉ ବୋଲି ସ୍ଥାନୀୟ ପୋଲିସକୁ କହିଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ। ପରେ ପୋଲିସ ବହୁ ବୁଝାଶୁଝା କରିବା ପରେ ସଦସ୍ୟାମାନେ ଧାରଣା ପ୍ରତ୍ୟାହାର କରିଥିଲେ।

## ୧୯୮ ଫେରାର ଅଭିଯୁକ୍ତ ଗିରଫ

### ବ୍ରହ୍ମପୁର ପୋଲିସ ଜିଲା

**ବ୍ରହ୍ମପୁର ଅଫିସ,୧୬।୧୧**

ବିଭିନ୍ନ ମାମଲାରେ ଜଡିତ ଥିବା ଅଭିଯୁକ୍ତମାନେ ଦୀର୍ଘ ବର୍ଷ ଧରି ଫେରାର ରହୁଛନ୍ତି। ଫଳରେ ଉଭୟ ପୋଲିସ ଓ ନ୍ୟାୟିକ ବ୍ୟବସ୍ଥାରେ ସମସ୍ୟା ଦେଖା ଦେଉଛି। ଏଣେ ସେମାନଙ୍କୁ ୱାରେଣ୍ଟ ବଳରେ ଧରିବା ପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହି ଆଧାରରେ ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ଗତ ୫ ରୁ ୧୪ ତାରିଖ ମଧ୍ୟରେ ୱାରେଣ୍ଟ ଧରପଗଡ଼ର ସ୍ୱତନ୍ତ୍ର ଅଭିଯାନ ଜିଲାରେ ଆରମ୍ଭ କରାଯାଇଥିଲା। ଗତ ୧୦ଦିନ ମଧ୍ୟରେ ମୋଟ ୧୯୮ ଅଭିଯୁକ୍ତଙ୍କୁ ପୋଲିସ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଗିରଫ କରିଛି। ସେଥିରୁ ସଦର ଥାନା ପୋଲିସ ଓ ଦିଗପହଣ୍ଡି ପୋଲିସ ୪୧ ଜଣ ଲେଖାଏ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନେ ଡେମୋ ଦେଖାଇଛନ୍ତି ବୋଲି ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ସେହିପରି ମଙ୍ଗଳବାର ଜିଲା ମୁଖ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଖବରଦାତାଙ୍କୁ ସୂଚନା ଦିଆଯାଇଛି।

## ପ୍ରମାଣ ଅଭାବରୁ ୫ ଅଭିଯୁକ୍ତ ନିର୍ଦ୍ଦୋଷ

**ଆକ୍ରମଣ ମାମଲା**

**ବ୍ରହ୍ମପୁର ଅଫିସ,୧୬।୧୧**

ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଏକ ଆକ୍ରମଣ ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ୫ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ଗୋଳନ୍ଥରା ଥାନା ଅଞ୍ଚଳର ବି.ଭୁବନୀ, ବାଲାଜୀ ଦାସ, ଟି.ରାମୁଲୁ, ବି. ଭାସ୍କର ରାଓ ଓ ଟି.ବାବୁ ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ କେତେକ କାରଣକୁ ନେଇ ବିବାଦ ଲାଗି ରହିଥିଲା। ୨୦୧୮ ସେପ୍ଟେମ୍ବର ୧୭ ରେ ଦୁଇ ଜଣ ଯୁବତୀ ଏକ ପୋଖରୀରୁ ଗାଧୋଇ ସାରି ଘରକୁ ଫେରୁଥିଲେ। ସେହି ସମୟରେ ଗାଁ ମୁଣ୍ଡରେ ବି.ଭୁବନୀ ଓ ତାଙ୍କ ସହଯୋଗୀମାନେ ଯୁବତୀଙ୍କୁ ଅଟକାଇ ଜାତିଆଣ ମନ୍ତବ୍ୟ ଦେବା ସହ ଅଶ୍ଳୀଳ ବ୍ୟବହାର କରିଥିଲେ। ପରେ ତାଙ୍କୁ ଟଣାଓଟରା ମଧ କରିଥିଲେ। ପରେ ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ ଯୁବତୀଙ୍କ ଘର ନିକଟକୁ ଠେଙ୍ଗାବାଡ଼ି ଧରି ଯାଇଥିଲେ। ସେଠାରେ ପରିବାରର ଅନ୍ୟମାନଙ୍କୁ ଆକ୍ରମଣ କରିଥିଲେ। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ଥାନାରୁ ସମସ୍ତ ଅଭିଯୁକ୍ତଙ୍କୁ ଛାଡି ଦେଇଥିଲା। ୭ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜିଲା ଜଜ୍ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣା ମକଦ୍ଦମା ପରିଚାଳନା କରିଥିଲେ।

## ପୌର ନିର୍ବାଚନ ପାଇଁ ବିଏମ୍‌ସିରେ ୱାର୍ଡ ପୁନର୍ଗଠନ

**୪୦କୁ ବିଭାଜିତ କରି ସଂଖ୍ୟା ୪୩ ହୋଇଛି**

**ବ୍ରହ୍ମପୁର ଅଫିସ,୧୬।୧୧**

ପୌର ନିର୍ବାଚନ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ପୁନର୍ଗଠନ ଏବଂ ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ମଙ୍ଗଳବାର ଆରମ୍ଭ ହୋଇଛି। ଏବେ ଥିବା ୪୦ ୱାର୍ଡକୁ ବିଭାଜିତ କରି ସଂଖ୍ୟା ୪୩କୁ ବୃଦ୍ଧି କରାଯାଇଥିବା ଖବର ମିଳିଛି। ଅର୍ଦ୍ଧେକ ୱାର୍ଡ ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯିବା ବ୍ୟବସ୍ଥା ହୋଇଛି। ଅପରପକ୍ଷରେ ଏହି ପ୍ରକ୍ରିୟା ପରେ ମହାନଗର ରାଜନୀତି ଉଷ୍ମ ହୋଇଛି। କେଉଁ ୱାର୍ଡ କାହା ନିମନ୍ତେ ସଂରକ୍ଷିତ କରାଯାଇଛି ସେନେଇ ବିଭିନ୍ନ ରାଜନୈତିକ ଦଳର କର୍ପୋରେଟର ନିର୍ବାଚନ ଲଢ଼ିବାକୁ ଆଶାୟୀ ଥିବା ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ବିଏମ୍‌ସି ପକ୍ଷରୁ ପ୍ରସ୍ତୁତ ତାଲିକା ଜିଲା ପ୍ରଶାସନକୁ ପଠାଯିବ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଲାଗି ସମୟ ସୀମା ରଖାଯାଇଛି। ଏହାର ଶୁଣାଣି ପରେ ପୂର୍ଣ୍ଣାଙ୍ଗ ତାଲିକା ସର୍ବସାଧାରଣରେ ପ୍ରକାଶ ପାଇବ।

ସୂଚନାଯୋଗ୍ୟ, ୨୦୧୩ ପୌର ନିର୍ବାଚନ ବେଳକୁ ୱାର୍ଡ ସଂଖ୍ୟା ୩୮ରୁ ୪୦କୁ ବଢ଼ାଯାଇଥିଲା। ଏହା ପୂର୍ବରୁ ୪୩ ୱାର୍ଡ କରାଯିବାର ପ୍ରସ୍ତାବ ଥିଲା। ବିଭିନ୍ନ ମହଲରୁ ପ୍ରତିବାଦ ହେବାରୁ ବୃଦ୍ଧି ସଂଖ୍ୟା ସ୍ଥଗିତ ରଖାଯାଇଥିଲା। ତେବେ ୨୦୧୩ ନିର୍ବାଚନ ବେଳେ ଯେଉଁ ୱାର୍ଡ ସଂଖ୍ୟା ବଢ଼ାଇବାର ପ୍ରସ୍ତାବ ଥିଲା ତାହାକୁ ଏବେ କାର୍ଯ୍ୟକାରୀ କରାଯିବାର ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଅପରପକ୍ଷରେ ସହରତଳି ଅଞ୍ଚଳ ମିଶ୍ରଣ ନିମନ୍ତେ ଦୀର୍ଘଦିନରୁ ବହୁବାର ଆନ୍ଦୋଳନ ହୋଇଥିବା ସତ୍ତ୍ୱେ ଉପେକ୍ଷା କରାଯାଇଛି। ଫଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁନର୍ଗଠନ ପ୍ରକ୍ରିୟାରେ ଅନେକ ପୂର୍ବତନ ଟାଣୁଆ କର୍ପୋରେଟରଙ୍କ ୱାର୍ଡ ମହିଳା ଓ ବିଭିନ୍ନ ବର୍ଗର ପୁରୁଷଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ସେମାନେ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ଶାସକ ଦଳ ନେତାଙ୍କ ଇଙ୍ଗିତରେ ପୁନର୍ଗଠନ ହୋଇଥିବା ମଧ ବିରୋଧୀ ଦଳ ଏବଂ କେତେକ ପୂର୍ବ କର୍ପୋରେଟରଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ପୁନଃ ବିଚାର ନିମନ୍ତେ ଦାବି କରାଯିବାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଫଳରେ ମହାନଗର ରାଜନୀତି ସରଗରମ ହୋଇଛି।

## ପ୍ରଥମ ଦିନରେ ଉପସ୍ଥାନ ୭୦% ପ୍ରତିଶତରୁ ଉର୍ଦ୍ଧ୍ୱ



ଭିଭି ଗିରି ସରକାରୀ ମହିଳା ଉଚ୍ଚ ପ୍ରଶିକ୍ଷଣ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ସହ ଶିକ୍ଷୟିତ୍ରୀଙ୍କ ପରିଚୟ ଆଦାନ ପ୍ରଦାନ।

**ବ୍ରହ୍ମପୁର ଅଫିସ,୧୬।୧୧**

ଗଞ୍ଜାମ ଜିଲାରେ ମଙ୍ଗଳବାରରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ଶ୍ରେଣୀ ଶିକ୍ଷାଦାନ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ରେଶମ ସହରର ଭିଭି ଗିରି ସରକାରୀ ବାଳିକା ଉଚ୍ଚ ପ୍ରଶିକ୍ଷଣ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମେଡିକାଲ କ୍ୟାମ୍ପସ ହାଇସ୍କୁଲ, ସିଟି ହାଇସ୍କୁଲ ଅଧିକାଂଶ ସରକାରୀ ବିଦ୍ୟାଳୟରେ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଉପସ୍ଥାନ ରହିଥିବା ଜଣାପଡ଼ିଛି। ଦୀର୍ଘ ଦିନ ପରେ ସ୍କୁଲ ଖୋଲିଥିଲେ ମଧ ଛାତ୍ରୀଙ୍କୁ କିଛି ଦିନ ପର୍ଯ୍ୟନ୍ତ ପୂର୍ବ ପାଠର ପୁନରାବୃତ୍ତି ସମ୍ବନ୍ଧୀୟ ଶିକ୍ଷାଦାନ କରାଯିବ ବୋଲି ଭିଭି ଗିରି ସରକାରୀ ବାଳିକା ଉଚ୍ଚ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବାଳା ପଟ୍ଟନାୟକ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର ସୂଚନା ଦେଇଛନ୍ତି।

## ଆଇଟିଆଇକୁ ମହାରାଷ୍ଟ୍ର ଦକ୍ଷତା ବିକାଶ ଟିମ୍‌ଙ୍କ ପରିଦର୍ଶନ



ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷଙ୍କ ସହ ଟିମଙ୍କ ଆଲୋଚନା

**ବ୍ରହ୍ମପୁର ଅଫିସ,୧୬।୧୧**

ବ୍ରହ୍ମପୁର ସରକାରୀ ଆଇଟିଆଇକୁ ମଙ୍ଗଳବାର ମହାରାଷ୍ଟ୍ର ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୪୦ଜଣିଆ ଟିମ୍ ଆସି ପରିଦର୍ଶନ କରିଛନ୍ତି। ଶିକ୍ଷାନୁଷ୍ଠାନରେ କେତେ ପରିମାଣ ଛାତ୍ରୀ ନାମ ଲେଖାଇଛନ୍ତି, କିଭଳି ପ୍ରଶିକ୍ଷଣ ନେଉଛନ୍ତି ଓ କେଉଁଠାରେ ନିଯୁକ୍ତି ପାଉଛନ୍ତି ସେ ସମ୍ପର୍କରେ ବୁଝିଥିଲେ। ଏଥିସହ ଅନୁଷ୍ଠାନରେ ଥିବା ସ୍କ୍ରାପ୍ ମ୍ୟୁଜିୟମ୍, ବିଭିନ୍ନ ୱାର୍କସପ୍, ସ୍କିଲ ପାର୍କ ଓ ଖୋଲାପଡ଼ିଆରେ ଥିବା ସ୍କ୍ରାପ୍ ପ୍ରତିମୂର୍ତ୍ତି ପାର୍କକୁ ବୁଲି ଦେଖିଥିଲେ। ଶିକ୍ଷାନୁଷ୍ଠାନର ଏଭଳି ଦକ୍ଷତା ଭିତ୍ତିକ କାର୍ଯ୍ୟକୁ ନେଇ ଟିମ୍ ପ୍ରଶଂସା କରିଥିଲେ। ଆଇଟିଆଇ ଅଧ୍ୟକ୍ଷ ଡ଼.ରଜତ କୁମାର ପାଣିଗ୍ରାହୀ ଟିମ ସହ ମିଶି ଛାତ୍ରୀଛାତ୍ରମାନେ ଅନୁଷ୍ଠାନରେ କିଭଳି ପ୍ରଶିକ୍ଷଣ ନେଉଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ। ବ୍ରହ୍ମପୁର ଆଇଟିଆଇ ସମଗ୍ର ଦେଶରେ ସୁନାମ ଅର୍ଜନ କରିଥିବାରୁ ଏହି ଟିମ୍ ପରିଦର୍ଶନରେ ଆସିଥିବା ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ପ୍ରକଳ୍ପ ଅନୁମୋଦନ ପାଇଁ ଜଣାଇଲେ ଜନପ୍ରତିନିଧି

**ଛତ୍ରପୁର,୧୬।୧୧(ଡି.ଏନ.ଏ.)**

**ପୌର ନିର୍ବାଚନ ଲାଗି ତତ୍ପରତା**

ପୌର ନିର୍ବାଚନକୁ ଆଖି ଆଗରେ ରଖି ଗଞ୍ଜାମ ଜିଲାର ସହରାଞ୍ଚଳଗୁଡ଼ିକରେ ଭିତ୍ତିଭୂମି ବିକାଶ ଲାଗି ତତ୍ପରତା ପ୍ରକାଶ ପାଇଛି । ଏଥିଲାଗି ପ୍ରକଳ୍ପ ଗୁଡିକର ଅନୁମୋଦନ ପାଇଁ ଜନପ୍ରତିନିଧି, ପୂର୍ବତନ ଜନପ୍ରତିନିଧିମାନେ ଭିଡିଓ କନଫରେନ୍ସ (ଭିସି)ରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ୫-ଟି ଅନ୍ତର୍ଗତ ମୁକ୍ତା ଯୋଜନା ମାଧ୍ୟମରେ ସହର ରୂପାନ୍ତରୀକରଣ ପାଇଁ ପ୍ରକଳ୍ପ ଗୁଡିକ ତ୍ୱରାନ୍ୱିତ ପାଇଁ ନିବେଦନ କରାଯାଇଛି । ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ୮୨ ପ୍ରକଳ୍ପ ପାଇଁ ୫.୨୬ କୋଟି ଟଙ୍କା, ଛତ୍ରପୁର ଏନଏସିରେ ୫୧ ପ୍ରକଳ୍ପ ପାଇଁ ୩.୩୬ କୋଟି ଟଙ୍କା, ଗଞ୍ଜାମ ଏନଏସିରେ ୩୧ ପ୍ରକଳ୍ପ ପାଇଁ ୨.୨୬ କୋଟି, ରମ୍ଭା ଏନଏସିରେ ୨୪ ପ୍ରକଳ୍ପ ପାଇଁ ୨.୩୩ କୋଟି, କୋଦଳା ଏନଏସିରେ ୪୬ ପ୍ରକଳ୍ପ ପାଇଁ ୨.୫୧ କୋଟି ଟଙ୍କା ମଞ୍ଜୁର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଉଦ୍ୟାନ୍, ଜିମ୍, ଶୌଚାଳୟ, ଖେଳ ପଡିଆ, ଡ୍ରେନ୍, ରାସ୍ତା, ଭେଣ୍ଡିଂ ଜୋନ୍, ପାଦଚଲା ରାସ୍ତା ଆଦି ନିର୍ମାଣ ପାଇଁ ପ୍ରକଳ୍ପ ସ୍ଥିର ହୋଇଛି।

ଦେଶରେ କେବଳ ଓଡିଶାରେ 'ମୁକ୍ତା' ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଛନ୍ତି ବୋଲି ୫-ଟି ସଚିବ କହିଥିଲେ । ସହରାଞ୍ଚଳର ଗରୀବ ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି କହିଥିଲେ । ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ମହାପାତ୍ର, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ, ଏନଏସି ପୂର୍ବତନ ଅଧକ୍ଷା ଜି. ଆରତି, ପୂର୍ବତନ ଉପାଧକ୍ଷ ପ୍ରଦୋଷ ବେହେରା, ପୂର୍ବତନ କାଉନସିଲର ଟି. ଚନ୍ଦ୍ର ଶେଖର ରାଓ, ବି. ରାଜୁ ବାବୁ, ରାଜେଶ ସାହୁ, ଓକିଲ ବିଜୟ ପଟ୍ଟନାୟକ ପ୍ରମୁଖ ଭିସିରେ ୫-ଟି ସଚିବଙ୍କ ସହ କଥା ହୋଇଥିଲେ ।

## ଏବିଭିପି ପକ୍ଷରୁ ଜନଜାତି ଗୌରବ ଦିବସ

**ଫୁଲବାଣୀ ଅଫିସ, ୧୬।୧୧**

କନ୍ଧମାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ସୋମବାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଇଛି । ଶତାଧିକ ଛାତ୍ରୀଛାତ୍ର ମାଦିକୁଦା ଛକରୁ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଏବିଭିପିର କର୍ମକର୍ତ୍ତାମାନେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ମତ ରଖିଥିଲେ । ଏହି ଅବସରରେ କନ୍ଧମାଳର ଗୌରବ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀଙ୍କୁ ସମ୍ମାନିତ କରାଯାଇଥିଲା । ଏବିଭିପି କନ୍ଧମାଳ ଜିଲା ପ୍ରମୁଖ ଶିବାଶିଷ ପଣ୍ଡା, ଜିଲା ସଂଯୋଜକ ଦିବ୍ୟରଞ୍ଜନ ଡାକୁଆ, ବିଭାଗ ସମ୍ପାଦକ ମିଳନ ମହାପାତ୍ର, ସଂଗଠନ ସମ୍ପାଦକ ଟୁକୁନା ମଲ୍ଲିକ, ରୁଦ୍ର ପ୍ରସାଦ ସେଠୀ, ତଥପୋଇ କହଁର, ଆଶା କହଁର, ପଦ୍ମାବତୀ କହଁର, ମିଳନ କହଁର, ଜିଲା ସହ ସଂଯୋଜିକା ପ୍ରୀତିଜିନା ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।

